# ଡାବୁଗାଁ ବ୍ଲକ ଟ୍ରାକ୍ଟର ଡ୍ରାଇଭର ସଂଘ ଗଠିତ

ଡାବୁଗାଁ,୧୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଭୈରବୀ ମନ୍ଦିର ପରିସରରେ ବ୍ଲକ୍ ଟ୍ରାକ୍ଟର ଡ୍ରାଇଭର ସଂଘ ଗଠିତ ହୋଇଥିବା ରବିବାର ଘୋଷଣା କରାଯାଇଛି। ଏଥିରେ ବ୍ଲକ୍‌ର ସମସ୍ତ ଟ୍ରାକ୍ଟର ଡ୍ରାଇଭର ଯୋଗଦେଇ ନୂତନ କମିଟି ଗଠନ କରିଥିଲେ। ଏଥିରେ ସଭାପତି ଭାବେ ସୂର୍ଯ୍ୟ ଗୌଡ, ଉପସଭାପତି ଭରତ ମାଝୀ, ସମ୍ପାଦକ ଭୀମ ଗୌଡ, ସହସମ୍ପାଦକ ଚନ୍ଦରୁ ମାଝି, କୋଷାଧ୍ୟକ୍ଷ ଲମ୍ବୁ ବିଶୋଇ, ଉପଦେଷ୍ଟା ସତ୍ୟରଞ୍ଜନ ପାତ୍ର, ଟି. ଶେଖର ରାଓ, ବିଶ୍ୱରଞ୍ଜନ ପାତ୍ର ଓ ମଦନ ବିଶୋଇ ଓ ୧୫ ଜଣଙ୍କୁ କମିଟିର ସଭ୍ୟଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଏଥିରେ ଦୁର୍ଲ୍ଲଭ ଜାନୀ, ରେଙ୍ଗା ଜାନୀ, କମଳ ଲୋଚନ ଗୌଡ, ମନ ଗୌଡଙ୍କ ସହ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରୁ ପ୍ରାୟ ୧୦୦ ଜଣ ଟ୍ରାକ୍ଟର ଡ୍ରାଇଭରମାନେ ଉପସ୍ଥିତ ଥିଲେ।

# ପ୍ରଶାସନିକ ଅବହେଳା ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ପାପଡ଼ହାଣ୍ଡି,୧୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ହାଣ୍ଡି ବ୍ଲକ୍ ସୀମାନ୍ତ ଆମପାଣି ଘାଟିରେ ବସବାସ କରୁଥିବା ଲୋକେ ବିଭିନ୍ନ ସମସ୍ୟା ନେଇ ରବିବାର ଜାତୀୟ ରାଜପଥ ୨୬ ନଂ ଅବରୋଧ କରିଛନ୍ତି। ମଇଦଲପୁର ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ବାଘ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଟାଙ୍ଗରାପକନା, ଭାଲୁଝରି, ତୁଳସୀପଦର ଓ ଖଡ଼କା ପଦର ଅଞ୍ଚଳ ଲୋକମାନେ ରାସ୍ତାରୋକୋରେ ସାମିଲ ଥିଲେ। ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ଗ୍ରାମଗୁଡ଼ିକରେ ବିଦ୍ୟୁତ୍, ରାସ୍ତା, ସ୍କୁଲ, ରାଶନକାର୍ଡ, ଜଙ୍ଗଲଜମି ପଟ୍ଟା ପ୍ରଦାନ ଆଦି ସମସ୍ୟା ରହିଛି। ଏଥିପ୍ରତି ପ୍ରଶାସନ ଅବହେଳା ପ୍ରଦର୍ଶନ କରୁଛି। ବହୁବାର ଅଭିଯୋଗ ସତ୍ତ୍ୱେ ଏହାର ସମାଧାନ କରାଯାଉନାହିଁ। ରାସ୍ତା ଅବରୋଧ ଦ୍ୱାରା ନବରଙ୍ଗପୁର ଜିଲା ମଧ୍ୟରେ ଯାନବାହନ ଚଳପ୍ରଚଳ ବାଧାପ୍ରାପ୍ତ ହୋଇଥିଲା। ଜିଲା ପରିଷଦ ସଭ୍ୟ ଧନପତି ସୁନାନୀ ଘଟଣାସ୍ଥଳରେ ପହଞ୍ଚି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ।

## ■ ଅଭିଭାବକ, ଶିକ୍ଷକ ସମ୍ମିଳନୀ

# ଅଭିଭାବକଙ୍କ ସହଯୋଗରେ ବିଦ୍ୟାଳୟର ବିକାଶ ସମ୍ଭବ

ଚନ୍ଦାହାଣ୍ଡି,୧୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅଧୀନ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଜୁନାମଣି ଆଶ୍ରମ ବିଦ୍ୟାଳୟଠାରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣପତି ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ୱାର୍ଡ ସଭ୍ୟା ବୁଟ ଦେଇ ମାଝି, ସମ୍ମାନିତ ଅତିଥିଭାବେ ବିରେନ୍ ମିତ୍ର ମାଝି, ଭୋଳାନାଥ ମାଝି, ସହକାରୀ ଶିକ୍ଷକ ମନ କୁମାର ମାଳି, ପ୍ରତାପ ନାରାୟଣ ସାହୁ, ପବିତ୍ର ମୋହନ ମାଝି, ସୁରେଶ ଚନ୍ଦ୍ର କେଉଁଟ, କବିତା ମାଝି, ସସ୍ମିତା ବେହେରା, ଦିପ୍ତିମୟୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରିମିଚାନ୍ଦ ଚୌହ୍ୱାନ ପରିଚାଳନା କରିଥିଲେ। ଏଥିରେ ଅଭିଭାବକଙ୍କୁ ଛାତ୍ରୀଛାତ୍ରଙ୍କ ଅଧିକାର, ଶିଶୁ ସୁରକ୍ଷା ଓ ଛୁଟିରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରତି ଅଭିଭାବକମାନେ ଧ୍ୟାନଦେବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସଚେତନ କରିଥିଲେ। ଅଭିଭାବକଙ୍କ ସହଯୋଗରେ ବିଦ୍ୟାଳୟ ବିକାଶ ସମ୍ଭବ ବୋଲି ପ୍ରଧାନ ଶିକ୍ଷକ ରିମିଚାନ୍ଦ ପରାମର୍ଶ ଦେଇଥିଲେ।



ଶିକ୍ଷକ-ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ବନ୍ୟା, ବାତ୍ୟାରେ ୩ ମେଣ୍ଢା ମୃତ

ଛତ୍ରପୁର,୧୪।୧୦(ଡି.ଏନ.ଏ.)

ଛତ୍ରପୁର ବ୍ଲକ ପୋଡାପଦର ଗାଁରେ ଗତ ୨ ଦିନ ମଧ୍ୟରେ ୩ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଛି। ବାତ୍ୟା ଓ ବନ୍ୟାରେ ଉକ୍ତ ମେଣ୍ଢା ଅସୁସ୍ଥ ଥିଲେ ବୋଲି କୁହାଯାଇଛି। ଗାଁରେ ଥିବା ପଶୁ ସହାୟକ କେନ୍ଦ୍ର କିଛିଦିନ ହେଲା ବନ୍ଦ ରହିଛି। ଫଳରେ ଏମାନଙ୍କ ଚିକିତ୍ସା କରାଯାଇ ପାରିନଥିଲା। ଫଳରେ ସେମାନଙ୍କ ମୃତ୍ୟୁ ହୋଇଥିବା ମାଲିକ ବି ସୋମନାଥଙ୍କ ପକ୍ଷରୁ ଅତିରିକ୍ତ ପ୍ରାଣୀ ଚିକିତ୍ସକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗାଁରେ ଥିବା ଆଉ କେତେକ ମେଣ୍ଢା ଅସୁସ୍ଥ ଥିବା ଜଣାପଡିଛି। ଖବର ପାଇ ଛତ୍ରପୁର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ପତିତପାବନ ରଥ ଗାଁରେ ପହଞ୍ଚି ଅନୁଧ୍ୟାନ କରିଥିଲେ। କ୍ଷତିପୂରଣ ମିଳିବା ନେଇ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ପଶୁ ଡାକ୍ତରଖାନାରେ ନିୟୋଜିତ ଅଧିକାରୀ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ଅବହେଳା ପାଇଁ ତାଙ୍କୁ ପୂର୍ବରୁ ନୋଟିସ ଜାରି ହୋଇଛି।

# ବହୁଜନ କ୍ରାନ୍ତି ମୋର୍ଚ୍ଚାର ପରିବର୍ତ୍ତନ ଯାତ୍ରା

ଡାବୁଗାଁ, ୧୪।୧୦ (ଡି.ଏନ୍.ଏ.)

ଗଞ୍ଜାମ ଜିଲାରୁ ଆରମ୍ଭ ହୋଇଥିବା ବହୁଜନ କ୍ରାନ୍ତି ମୋର୍ଚ୍ଚାର ଭାରତ ପରିବର୍ତ୍ତନ ଯାତ୍ରା ଏକ ବିରାଟ ଶୋଭାଯାତ୍ରାରେ ରବିବାର ଡାବୁଗାଁ ବ୍ଲକରେ ପହଞ୍ଚିଛି। ଏ ନେଇ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଭୈରବ ମନ୍ଦିର ସମ୍ମୁଖ ପଡିଆରେ ଏକ ସଭା ଅନୁଷ୍ଠିତ ହୋଇଛି। ଏଥିରେ ରାଷ୍ଟ୍ରୀୟ ବହୁଜନ କ୍ରାନ୍ତି ମୋର୍ଚ୍ଚା ସଂଯୋଜକ ଭାଞ୍ଜିଭାଇ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ମୂଳନିବାସୀ ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି। ଏହି ସଭାରେ ବହୁଜନ କ୍ରାନ୍ତି ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଧବଳେଶ୍ୱର ବାଗ, ନବରଙ୍ଗପୁର ଜିଲା ନରହରି ନାୟକ ଏବଂ ଚନ୍ଦାହାଣ୍ଡି ଅନୁସୂଚିତ ଜାତି ଓ ଜନଜାତି ମହାସଂଘ ସଭାପତି କୈବଲ୍ୟ ମାଝୀ, ଭାରତ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ସରୋଜ କୁମାର ସେଠୀ ପ୍ରମୁଖ ଯୋଗଦେଇ ମୂଳନିବାସୀ ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କିପରି ହେବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଡାବୁଗାଁର ଚନ୍ଦ୍ର ଶେଖର ନିହାଲ, ମନୁରେଲି, କିସମତ ହରିଜନ, ନଳ କୁମାର ଗୌଡ, ଲବ ଗୌଡ, ଅରୁଣ ହରିଜନ, ଅନନ୍ତରାମ ନାୟକ, ସାହେବ ସୁନା, ରଞ୍ଜନ ପନକା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଡାବୁଗାଁ ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ମୂଳନିବାସୀ ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁବର୍ଗର ଲୋକମାନେ ଯୋଗ ଦେଇଥିଲେ।



ପୋଲିସ-ମାଓବାଦୀ ଗୁଳି ବିନିମୟ ବେଳେ ପୋଲିସ ଗୁଳିରେ ମୃତ ମାଓବାଦୀ ମିନାଙ୍କ ମୃତଦେହକୁ ତାଙ୍କ ଗ୍ରାମ ତେଲେଙ୍ଗାନାର ପୋଛନାପେଟାକୁ ନିଆଯାଉଛି।










# ୩ ମହିଳାଙ୍କ ସମେତ ୪ ମାଓବାଦୀ କୋର୍ଟଚାଲାଣ

ମାଲକାନଗିରି,୧୪।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ପୋଲିସ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ପରେ ଓଡିଶା ଓ ଆନ୍ଧ୍ର ଯବାନମାନେ ଫେରୁଥିବା ସମୟରେ ଯନ୍ତ୍ରୀ ନିକଟରୁ ଗତ ୧୨ରେ ଜଣେ ମହିଳାଙ୍କ ସମେତ ୪ ମାଓବାଦୀଙ୍କୁ ଗିରଫ କରିଥିଲେ । ସେମାନଙ୍କ ନିକଟରୁ ୨ଟି ଡେଟୋନେଟର, ୩ ପ୍ୟାକେଟ୍ ଜିଲୋଟିନ୍, ୨ଟି କ୍ୟାଟ୍ରିଜ୍ ବକ୍ସ ଓ କିଛି ତାର ଜବତ କରିଛି । ଗିରଫ ମାଓବାଦୀମାନେ ମାଓବାଦୀ ସଙ୍ଗଠନ ପାଇଁ ପୋଲିସକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇବା କାର୍ଯ୍ୟରେ ସମ୍ପୃକ୍ତ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ବୋଲି ମାଲକାନଗିରି ଏସପି ଜଗମୋହନ ମୀନା ରବିବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଜିଲାର ଏସଓଜି ଏବଂ ଆନ୍ଧ୍ରର ଗ୍ରେହାଉଣ୍ଡ ମିଳିତ ଭାବେ ଗତ ୧୦ରେ ଯନ୍ତ୍ରୀ ପଞ୍ଚାୟତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରଖିଥିଲେ । ଗତ ୧୨ରେ ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନେ ଫେରୁଥିବା ବେଳେ ଯନ୍ତ୍ରୀ ଗ୍ରାମ ନିକଟ ଜଙ୍ଗଲରେ ୪ ଜଣ ଅପରିଚିତ ବ୍ୟକ୍ତି ଯାଉଥିବା ଦେଖି ସେମାନଙ୍କୁ ସନ୍ଦେହ କରିଥିଲେ । ସେମାନଙ୍କ ମଧ୍ୟରେ ଜଣେ ପୁରୁଷ ଓ ମହିଳା ବ୍ୟାଗ୍‌ରେ କିଛି ସାମଗ୍ରୀ ନେଉଥିଲେ। ସେମାନଙ୍କୁ ଅଟକାଇ ତଲାସି କରିବା ସମୟରେ ତାଙ୍କ ନିକଟରୁ ଉପରୋକ୍ତ ପରିମାଣର ବିସ୍ଫୋରକ ସାମଗ୍ରୀ ମିଳିଥିଲା। ଏହାକୁ ପୋଲିସ ଜବତ କରି ସେମାନଙ୍କୁ ଅଟକ ରଖି ତଦନ୍ତ କରିଥିଲା। ଏହି ୪ ଜଣ ମାଓବାଦୀଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଇବା ସହ କୋମ୍ବିଂ ଅପରେଶନରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ହତ୍ୟା କରିବା ପାଇଁ ଏହିସବୁ ସାମଗ୍ରୀ ନେଉଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ନାବାଳିକା ଅଛନ୍ତି । ତାଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯିବ । ଅଧିକ ତଦନ୍ତ ଦୃଷ୍ଟିରୁ ପୋଲିସ ଗିରଫ ମାଓବାଦୀଙ୍କ ନାମ ଗୋପନ ରଖିଥିବା ଏସପି ମୀନା କହିଛନ୍ତି। କେସ୍ ନଂ. ୧୦୦/୧୮ରେ ଏକ ମାମଲା ରୁଜୁ ହୋଇଛି।



ଏସପି ଜଗମୋହନ ମୀନା ସୂଚନା ଦେଉଛନ୍ତି ।

■ ଗ୍ରାମବାସୀ ଆଣିଲେ ଅଭିଯୋଗ

## ପୋଲିସ ଗିରଫ କରିଥିବା ବ୍ୟକ୍ତିମାନେ ମାଓବାଦୀ ନୁହନ୍ତି

ମାଲକାନଗିରି,୧୪।୧୦(ଡି.ଏନ.ଏ)

ମାଲକାନଗିରି ପୋଲିସ ଗିରଫ କରିଥିବା ୪ ଜଣ ମାଓବାଦୀ ନୁହନ୍ତି କି ସେମାନେ ମାଓବାଦୀ କାର୍ଯ୍ୟକଳାପ ସହ ଜଡିତ ନୁହନ୍ତି ବୋଲି ରବିବାର ସ୍ୱାଭିମାନ ଅଞ୍ଚଳର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନେକ ଗ୍ରାମବାସୀ ସୀମାନ୍ତ ଆନ୍ଧ୍ରପ୍ରଦେଶ ମୁଚିମ୍ପୁଟ ଥାନାକୁ ଯାଇ ଅଟକ ଥିବା ୪ ଜଣ ଗ୍ରାମବାସୀଙ୍କର ମାଓବାଦୀଙ୍କ ସହ କୌଣସି ସମ୍ପର୍କ ନାହିଁ ବୋଲି ଥାନା ଅଧିକାରୀଙ୍କୁ ଭେଟି ଜଣାଇଛନ୍ତି। ଏହି ୪ ଜଣଙ୍କ ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଏବଂ ଅନ୍ୟ କାଗଜପତ୍ର ମଧ୍ୟ ସେମାନେ ଦେଖାଇଥିଲେ । ମୁଚିମ୍ପୁଟ ଥାନା ଅଧିକାରୀ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କଲା ପରେ ଅଟକ ଥିବା ୩ ଜଣ ମହିଳା ଓ ଜଣେ ପୁରୁଷଙ୍କୁ ମାଲକାନଗିରି ପୋଲିସ ନେଇଯାଇଛନ୍ତି ବୋଲି କହିଥିଲେ । ତେବେ ଏ ସମ୍ପର୍କରେ ମାଲକାନଗିରି ଏସପି ଜଗମୋହନ ମୀନା କହିଛନ୍ତି ଯେ, ଅପରାଧୀ କେବେ ତା' ଅପରାଧ ସ୍ୱୀକାର କରେ ନାହିଁ। ଆଇନ୍ ଅନୁଯାୟୀ ପୋଲିସ ତା'ର କାର୍ଯ୍ୟ କରୁଛି । ପୋଲିସ କାହାର ଶତ୍ରୁ ନୁହେଁ । ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେବା ପାଇଁ ଦିବାରାତ୍ର ପୋଲିସ ତା'ର କାର୍ଯ୍ୟ କରିଚାଲିଛି ବୋଲି ଏସ୍‌ପି କହିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

କୁଡୁମୁଲୁଗୁମ୍ମା,୧୪।୧୦(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶାଙ୍କ ନେତୃତ୍ୱରେ ଖଇରପୁଟ ବ୍ଲକ ଅନ୍ତର୍ଗତ କପେଗୁଡାଠାରୁ ପଞ୍ଚାୟତସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ସରପଞ୍ଚ ଭାଗୀରଥି ମୁଦୁଲି, ନାଏବ ସରପଞ୍ଚ ମେନକା ଶିକ୍ଷା, ଅର୍ଜୁନ ଓଜି, ସହଦେବ ଶିଶା, ଭାଗୀରଥି ଟେକ, ହରି ଟେକ, ଡମ୍ବୁ କିର୍ସାନୀ, ସୁଶାନ୍ତ ପ୍ରଧାନ, ତାରା ପ୍ରସାଦ ମିଶ୍ର, ଜିଲା ସଂଯୋଜକ ରାଜେନ୍ଦ୍ର ପଣ୍ଡା, ଖଇରପୁଟ ପର୍ଯ୍ୟବେକ୍ଷକ ପ୍ରଦୀପ ମହାନ୍ତ, ବିଧାୟକ ପ୍ରତିନିଧି ବାଳକୃଷ୍ଣ ପ୍ରଧାନ, ଜିଲା ସମ୍ପାଦକ ଭଗବାନ ସାହୁ ଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ପଦଯାତ୍ରା ପରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଶିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଗତ ୫ ବର୍ଷ ମଧ୍ୟରେ ପର୍କନମାଳା ପଞ୍ଚାୟତରେ ବିଧାୟକଙ୍କ ପ୍ରଚେଷ୍ଟାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ବୋଲି ସରପଞ୍ଚ ମୁଦୁଲି ପ୍ରକାଶ କରିଥିଲେ। ଏହି ପଦଯାତ୍ରାରେ ୫ଶହରୁ ଅଧିକ ଲୋକ ସାମିଲ ହୋଇଥିଲେ।




ଜନସମ୍ପର୍କ ପଦଯାତ୍ରା ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ।

# ୪୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଚିତ୍ରକୋଣ୍ଡା,୧୪।୧୦

ଚୋରା ଚାଲାଣ ହେଉଥିବା ବେଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ୪୧ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ତାଙ୍କ ନାମ ଯୋଗେଶ ସିଂ ବରଘାଇ (୪୩) । ମଧ୍ୟପ୍ରଦେଶର ସହାଦୋଲ ଜିଲା ସମଦାଟୋଲା ଗ୍ରାମରେ ତାଙ୍କ ଘର। ଏକ ମୋଟର ସାଇକେଲକୁ ମଧ ଜବତ କରାଯାଇଛି। ଖବରରୁ ଜଣାପଡିଛି ଚିତ୍ରକୋଣ୍ଡା ବନଗୁରୁ ଛକରେ ପୋଲିସ ଗାଡି ମୋଟର ଯାଞ୍ଚ କରୁଥିବା ବେଳେ ଜାନବାଇ ପଟୁ ଏକ ମୋଟର ସାଇକେଲ ଦ୍ରୁତ ଗତିରେ ଆସୁଥିବା ଦେଖି ଗାଡିଟିକୁ ଅଟକାଇଥିଲେ। ଏହାକୁ ତଲାସି କରିବା ସମୟରେ ଏକ ବସ୍ତାରେ ଥିବା ୪୧ କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କେସ୍ ନଂ. ୯୮/୧୮। ଏସଡିପିଓ ମାନସ ବାରିକଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଚଢାଉରେ ଅଂଶଗ୍ରହଣ କରିଥିଲେ।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।






## ସଂକ୍ଷେପରେ



### କାର୍, ଗଞ୍ଜେଇ ଜବତ: ୨ ଗିରଫ

**ବୈପାରୀଗୁଡ଼ା,୧୪।୧୦(ଡି.ଏନ୍.ଏ.):** ଗଞ୍ଜେଇ ଚୋରା ଚାଲାଣ କରିବା ଅଭିଯୋଗରେ ବୈପାରୀଗୁଡ଼ା ପୋଲିସ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ସୁକୁରାମ ପାଲ (୨୩) ଏବଂ ଆଶୁ ଖାନ (୨୦)। ଥାନା ଅଧିକାରୀ ଅମିତାଭ ଦାସଙ୍କ ଅନୁଯାୟୀ, ଶନିବାର ରାତିରେ ଅଭିଯୁକ୍ତମାନେ ଏକ ହ୍ୟୁଣ୍ଡାଇ ସାଣ୍ଟ୍ରୋ କାର(ଡିଏଲ୍ ୩ ସିଏବି ୫୦୧୪)ରେ ୨୬ କିଲୋ ୫ ଶହ ଗ୍ରାମ ଗଞ୍ଜେଇ ଧରି ବୈପାରୀଗୁଡ଼ା ଅଭିମୂଖେ ଆସୁଥିଲେ। ଥାନା ନିକଟରେ ପୋଲିସ ସେମାନଙ୍କୁ କାବୁ କରିବା ପରେ ଗାଡ଼ିରୁ ଗଞ୍ଜେଇ ଜବତ କରାଯାଇଥିଲା। ରବିବାର ସ୍ଥାନୀୟ ତହଲିସଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଜ୍ୟୋତିରଞ୍ଜନ ସେଠୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ ଓ ସିଲ୍ କରାଯାଇଥିଲା। ଏସ୍ଆଇ ଜିତେନ୍ଦ୍ର ନାୟକ ଏହାର ତଦନ୍ତ ଅଧିକାରୀ ରହିଛନ୍ତି।

### ହତ୍ୟା ଘଟଣାରେ ସମ୍ପର୍କୀୟ ଅଟକ

**ନନ୍ଦପୁର,୧୪।୧୦(ଡି.ଏନ୍.ଏ.):** ନନ୍ଦପୁର ଥାନା ଅନ୍ତର୍ଗତ କସନ୍ଦି ପଞ୍ଚାୟତ ଆତ୍ରା ଗ୍ରାମର ରଘୁ ହନ୍ତାଲଙ୍କୁ ବେକ କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣା ମାଓବାଦୀଙ୍କ କାର୍ଯ୍ୟ ବୋଲି ଅନୁମାନ କରାଯାଉଥିଲା। ତେବେ ନନ୍ଦପୁର ପୋଲିସ ରବିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅନୁସନ୍ଧାନ ଜାରି ରଖିଥିଲା। ଏଥିରେ ତାଙ୍କ ସମ୍ପର୍କୀୟଙ୍କ ହାତ ଥିବା ଏବଂ ଜମିଜମା ମାମଲାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ସୁରାକ ପାଇଥିଲା ପୋଲିସ। ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ନନ୍ଦପୁର ଆଇଆଇସି ଚନ୍ଦ୍ରଶେଖର ଶବର ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ରଘୁ ଶୁକ୍ରବାର ଗାଁଲୋକଙ୍କ ସହ ଗାଈ ଚରାଇବାକୁ ଯାଇ ଫେରିନଥିଲେ। ରବିବାର ତାଙ୍କର ବେକ କଟା ମୃତଦେହ ମିଳିଥିଲା।

### ଚେକିଂ ବେଳେ ନାଲିଆଖି

**ସେମିଳିଗୁଡ଼ା,୧୪।୧୦(ସ୍ୱ.ପ୍ର.):** ସୁନାବେଡ଼ା ପୋଲିସ ଅଧୀନରେ ଥିବା ଅଞ୍ଚଳରେ ଏମ୍ଭି ଚେକିଂ ବେଳେ ଚିହ୍ନା ମୁହଁ ଦେଖି ଲୋକଙ୍କୁ ଛାଡୁଛନ୍ତି ପୋଲିସ ଅଧିକାରୀ। ଆଉ ଅଚିହ୍ନା ଲୋକଙ୍କୁ ଧରି ଧମକ ଦେଉଛନ୍ତି। ଟ୍ରେନିଂରେ ଆସିଥିବା ନୂଆ ପିଏସ୍ଆଇ ଲୋକଙ୍କୁ ଏଭଳି ଧମକାଉଥିବା ବେଳେ ଗଣମାଧମ ପଚାରିବାରୁ ସେ ମୋବାଇଲ ଧରି ରେକର୍ଡ଼ିଂ କରୁଛନ୍ତି। ଫୋନ୍ ଯୋଗେ ଆଇଆଇସି ମମତା ପାଣିଗ୍ରାହୀଙ୍କୁ ଏ ବିଷୟରେ ପଚାରିବାରୁ ସେ ଜାଗାରେ ଆପଣ କିଛି କୁହନ୍ତୁ ନାହିଁ ବୋଲି ସେ କହିଛନ୍ତି। ଏନେଇ ଏସ୍ଡିପିଓଙ୍କୁ ପଚାରିବାରୁ ଜିଲା ସାରା ଏମ୍ଭି ଚେକିଂ ପାଇଁ ନିର୍ଦ୍ଦେଶ ଅଛି। ତେଣୁ ପ୍ରତ୍ୟେକ ଥାନାରେ ୧୦ ହଜାର କଲେକ୍ସନ କରିବା ଜିଲା ତରଫରୁ ଅର୍ଡର ଅଛି ବୋଲି କହିଛନ୍ତି। ତମେ ହାତରେ କ'ଣ ହେଉଛି କର ବୋଲି ଲୋକଙ୍କ ଆଗରେ ଗଣମାଧମକୁ ଏଭଳି ବାଣୀ ଶୁଣାଇଛନ୍ତି।

■ କୋଟିଆରେ ହେବ 'ପରବ' ଶୁଭାରମ୍ଭ

# ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

**କୋଟିଆରେ ଭିତ୍ତିଭୂମି ତଦାରଖ କଲା ୫ ଜଣିଆ କମିଟି**



**ପଟ୍ଟାଙ୍ଗି/କୋରାପୁଟ, ୧୪।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**

କୋଟିଆର ସ୍ୱର୍ଣ୍ଣ ପାହାଡ଼ରୁ 'ପରବ ୨୦୧୮'ର ଶୁଭାରମ୍ଭ ପାଇଁ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ରବିବାର ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀଙ୍କ ପରିଚାଳନା ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଉପଜିଲାପାଳ ଲଳିତ କୁମାର କଅଁରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସଦର ସ୍ଥିତ ନିଶାଣିମୁଣ୍ଡା ସ୍ଥାନକୁ ତୁରନ୍ତ ସଫା କରିବା ସହ ଭାଙ୍ଗିଯାଇଥିବା ପାଚେରି ମରାମତି, କୋଟିଆ ଜଗନ୍ନାଥ ମନ୍ଦିରର ମରାମତି ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହି ମନ୍ଦିରରୁ ପରବର ମୁଖ୍ୟ ମଶାଲର ଶୁଭାରମ୍ଭ ହୋଇ ଜିଲାସ୍ତରକୁ ଯିବ। ଜିଲା ସଦରରୁ କୋଟିଆ ଯାଏଁ ପ୍ରତି ଛକରେ ସ୍ୱାଗତ ଗେଟ୍ ଲାଗିବ। ଜିଲାର ସମସ୍ତ ବିଧାୟକ, ନବରଙ୍ଗପୁର ଓ କୋରାପୁଟ ଏମ୍ପି, ଯୋଗଦେବାକୁ ଥିବା ଦୁଇ ମନ୍ତ୍ରୀଙ୍କୁ ନିମନ୍ତ୍ରଣ ଓ ସ୍ୱାଗତ ବ୍ୟବସ୍ଥା ସୁରୁଖୁରୁରେ କରିବା ପାଇଁ କୁହାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗ ଆମ୍ବୁଲାନ୍ସ ନିୟୋଜିତ ରଖିବାକୁ ଉକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗାଡ଼ି ପାର୍କିଂ, ଖାଇବା ପାଇଁ ଜାଗା ଚିହ୍ନଟ ଲାଗି ଉପଜିଲାପାଳ କଅଁରଙ୍କ ନେତୃତ୍ୱରେ, ଜିଲା ପଞ୍ଚାୟତ ଅଧିକାରୀ ସୁଦେଶ ପଟ୍ଟନାୟକ, ସଂସ୍କୃତି ଅଧିକାରୀ, କ୍ରୀଡ଼ା ଅଧିକାରୀ ରାଜକିଶୋର ଜେନା ଓ ବିଡିଓଙ୍କୁ ନେଇ ଗଠିତ ପାଞ୍ଚ ଜଣିଆ କମିଟି ପ୍ରସ୍ତୁତି ବୈଠକ ସାରି କୋଟିଆ ପଞ୍ଚାୟତ ଗସ୍ତ କରିଥିଲେ। ସେମାନେ ପରବର ଶୁଭାରମ୍ଭ ପାଇଁ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟ ଯଥା- ପାନୀୟ ଜଳ, ରାସ୍ତା, ପାର୍କିଂ ସୁବିଧା ଅନୁଧ୍ୟାନ କରି ଫେରିଛନ୍ତି। କୁନ୍ଦୁଲି, ଟାଉପଦର ଓ କୋଟିଆରେ ସ୍ଥାନୀୟ ମହିଳା ଗୋଷ୍ଠୀଙ୍କୁ ଅତିଥିଙ୍କ ସ୍ୱାଗତ ଦାୟିତ୍ୱ ଦିଆଯାଇଥିଲା। କୋରାପୁଟ, ସେମିଳିଗୁଡ଼ା, ନନ୍ଦପୁର ସମେତ ସ୍ଥାନୀୟ ବ୍ଲକର ସାଂସ୍କୃତିକ ଦଳଙ୍କୁ ଚିଠି କରି କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ଜିଲା ସଂସ୍କୃତି ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତୁତି ବୈଠକରେ ଜିଲା ଜଳ ବିଭାଜିକା ମିଶନ ଉପନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ କିଶୋର ଚନ୍ଦ୍ର ନନ୍ଦ, ପଟ୍ଟାଙ୍ଗି ବିଡିଓ କରୁଣାକର ପ୍ରଧାନ, ସ୍ୱାସ୍ଥ୍ୟ ଅଧିକାରୀ ଭାଗବତ ମୁର୍ମୁ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ରାଧେଶ୍ୟାମ ମେହେର ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ବେଳେ ୬ ଗିରଫ

■ ଅଭିଯୁକ୍ତଙ୍କ ଘର ହରିୟାଣା, ୟୁପି, ଦିଲ୍ଲୀ

■ ୨ କାର୍ ଜବତ କଲା ପୋଲିସ

**ଜୟପୁର,୧୪।୧୦(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ଟାଉନଥାନା ପୋଲିସ ଗତ ଶନିବାର ରାତିରେ ପାଟ୍ରୋଲିଂ ଚାଲିଥିବା ବେଳେ କୁମ୍ଭାରସାହିକୁ ସଂଯୋଗ କରୁଥିବା ଜୟପୁର-ମାଲକାନଗିରି ଜାତୀୟ ରାଜପଥ ନିକଟରେ ଦୁଇଟି କାରରେ ଦୁର୍ବୃତ୍ତମାନେ ଅଟକିଥିବା ସୂଚନା ପାଇଥିଲା। ପୋଲିସ ସେଠାରେ ତୁରନ୍ତ ପହଞ୍ଚି ୬ ଜଣଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ସେମାନେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ । ସେମାନେ ହେଲେ ହରିୟାଣାର ସୋନିପଥ ଜିଲା ଗାନାଉର ଥାନା ସଦରର ସୁଲତାନ ସିଂ (୨୪) ଓରଫ ଭିକି, ପାନିପଥ ଜିଲା ସମଲଖାନ ଥାନା ଭୱାଲ ମାଜିରି ଗ୍ରାମର ସୁନିଲ କହରନ (୨୩) ଓରଫ ଗୁଜ୍ଜର ଏବଂ ପାମି କଲ୍ୟାଣ ଗ୍ରାମର କୌଶି ରାମ (୨୩), ଦିଲ୍ଲୀର ବିଜୟ ବିହାର ଥାନା ବିରସିଂ କଲୋନିର ବିଷ୍ଣୁ ରାମ (୩୨), ଉତ୍ତରପ୍ରଦେଶର କୁଶିନଗର ଜିଲା ତୁରପାଟି ଥାନା ସରାସା ଗ୍ରାମର ମିଣ୍ଟୁ ପ୍ରସାଦ (୨୮) ଏବଂ ଦ୍ୱେହେରାଜ ଭାରତ (୨୧)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଦୁଇଟି କାର (ଏଚଆର ୭ଭି ୨୯୭୭) ଏବଂ (ଏଚଆର ୯୯ଏବି ୧୬୪୯), ୫ଟି ମୋବାଇଲ, ଦୁଇଟି ଲାଠି ଏବଂ ହରିୟାଣା ପୋଲିସର ଏକ ଟୋପି ଜବତ କରାଯାଇଛି। ଏନେଇ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ବାଲେଶ୍ୱର ଗିଧି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୁଇଟି କାର ଜବତ ହୋଇଥିବା ବେଳେ ମାତ୍ର ୧୫୦୦ ଟଙ୍କା ଅର୍ଥ ଜବତ ହେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।



ଗିରଫ ଅଭିଯୁକ୍ତମାନେ।

■ ବ୍ରାହ୍ମଣ ସମାଜର ବ୍ଲକସ୍ତରୀୟ ସମାବେଶ

# ସମ୍ମାନିତ ହେଲେ ଶତାଧିକ ବୟୋଜ୍ୟେଷ୍ଠ ବ୍ରାହ୍ମଣ

**କୁନ୍ଦୁରା,୧୪।୧୦(ଡି.ଏନ୍.ଏ.)**

କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ସ୍ଥିତ ଅନନ୍ତ ବିଦ୍ୟାପୀଠରେ କୋରାପୁଟ ଓ ନବରଙ୍ଗପୁର ଜିଲାର ୭ଟି ବ୍ଲକରୁ ପ୍ରାୟ ୨୫୦୦ ବ୍ରାହ୍ମଣଙ୍କୁ ନେଇ ରବିବାର ବ୍ରାହ୍ମଣ ଜନ ସମାବେଶ ଅନୁଷ୍ଠିତ ହୋଇଛି। କୁନ୍ଦୁରା ବ୍ଲକ ବ୍ରାହ୍ମଣ ସମାଜ ଉପଦେଷ୍ଟା ମଦନ ମୋହନ ସାନ୍ତ୍ରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୧୪ ବର୍ଷରୁ କମ୍ ବ୍ରାହ୍ମଣ ପରିବାରର ଛାତ୍ରମାନେ ଶ୍ଳୋକ ଓ ମନ୍ତ୍ରପାଠ ସହ ହଳଦୀ ଲଗାଇ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ରାଜ୍ୟ ବ୍ରାହ୍ମଣ ସମାଜ ସଭାପତି ଜୟକୃଷ୍ଣ ଦେବଶର୍ମାଙ୍କ ସମେତ ବରିଷ୍ଠ ବ୍ରାହ୍ମଣମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ୭୦ ବର୍ଷୀୟ ଶତାଧିକ ବ୍ରାହ୍ମଣ ମହିଳା ଓ ପୁରୁଷଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ରାଜ୍ୟ ସଭାପତି ନିଜ ଅଭିଭାଷଣରେ କହିଛନ୍ତି ଯେ, ମୁଁ ଜିଲାଠାରୁ ସର୍ବଭାରତୀୟ ସ୍ତରର ବ୍ରାହ୍ମଣ ସମାଜ ସମାବେଶରେ ଯୋଗ ଦେଇଥିଲେ ମଧ୍ୟ କୁନ୍ଦୁରା ବ୍ଲକରେ ରବିବାର ଆୟୋଜିତ ହୋଇଥିବା ସମାବେଶରେ ସବୁଠାରୁ ଅଧିକ ବ୍ରାହ୍ମଣ ଯୋଗ ଦେଇଛନ୍ତି। ଅନ୍ୟ ଜିଲା ଓ ବ୍ଲକରେ ଏଭଳି କାର୍ଯ୍ୟକ୍ରମ ହେବା ନିହାତି ଆବଶ୍ୟକ। ପୂର୍ବପୁରୁଷଙ୍କ ଭଳି ବ୍ରାହ୍ମଣ ନୀତି ନିୟମ ବର୍ତ୍ତମାନ ସମୟରେ ମଧ୍ୟ କଡ଼ାକଡ଼ି କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା। ସେହିଭଳି ବର୍ଷକୁ ଥରେ ଗରିବ ବ୍ରାହ୍ମଣ ପରିବାର ପିଲାଙ୍କୁ ଯେକୌଣସି ମନ୍ଦିରରେ ସମୂହ ବ୍ରତୋପନୟନ କରିବା ପାଇଁ ସମାଜ ସଜବାଜ ହେଉଥିବା ସମାଜର ବରିଷ୍ଠ ସଦସ୍ୟ ରାଧାନାଥ ଭଞ୍ଜ, ରାଧାପ୍ରସାଦ ପାତ୍ର, ରାଧାବିନୋଦ ସାନ୍ତ୍ରା, ରାମକୃଷ୍ଣ ସାବତ, ବିଜୟ ଭଞ୍ଜ କହିଛନ୍ତି। ସୌଭେନ୍ଦ୍ର ଭଞ୍ଜ, ବିକାଶ ଭଞ୍ଜ, କାହ୍ନୁ ଶତପଥୀ, ରମାକାନ୍ତ ମିଶ୍ର, ଭବାନୀ ଶଙ୍କର ରଥ, ଶ୍ୟାମସୁନ୍ଦର ତ୍ରିପାଠୀ, ଉପେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ପ୍ରଦୀପ ପ୍ରଜ୍ୱଳନ କରି ସମାବେଶର ଶୁଭାରମ୍ଭ କରୁଛନ୍ତି ଅତିଥିମାନେ।

### ପରଜା ବେଡ଼ାପଦରରେ ଯୁବ ସମ୍ମିଳନୀ

**ଦଶମନ୍ତପୁର,୧୪।୧୦(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତରେ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ରବିବାର ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଯୁବକେନ୍ଦ୍ର କୋରାପୁଟ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍ପି ପ୍ରତିନିଧି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋଇ, ଜିଲା ଯୁବ ନିର୍ଦ୍ଦେଶକ ମାରିଆନ୍ସ ବିଲଂ, ନେହେରୁ ଯୁବକେନ୍ଦ୍ରର କିରାଣି ଇନ୍ଦ୍ରଜିତ ପଟେଲ ଉପସ୍ଥିତ ଥିଲେ। ଖେଳ ମାଧ୍ୟମରେ ଯୁବପିଢ଼ିଙ୍କୁ ନେଇ ନିଜ ଅଞ୍ଚଳରେ ଯୁବକ ସଂଘ ଗଠନ କରିବା ସହ ନିଜ ଅଞ୍ଚଳରେ ପଡ଼ିରହିଥିବା ଆବର୍ଜନା ସଫା କରିବା, ପରିବେଶ ପ୍ରତି ଗୁରୁତ୍ୱ ଦେବା ନେଇ ଏଥିରେ ଆଲୋଚନା କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାରେ ସାମିଲ ହୋଇ ଜନସାଧାରଣ କିଭଳି ଯୋଜନାର ଲାଭ ଉଠାଇପାରିବେ, ସେନେଇ ଯୁବପିଢ଼ି ଶପଥ ନେଇଥିଲେ।

# ଐତିହାସିକ ଜଗନ୍ନାଥ ସାଗରର ସଫେଇ ଆରମ୍ଭ

**ଜୟପୁର,୧୪।୧୦ (ନି.ପ୍ର./ଡି.ଏନ୍.ଏ.)**

ଜୟପୁର ଜଗନ୍ନାଥ ସାଗରର ସଫେଇ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି। ଏଥିରେ ଦଳ ଭର୍ତ୍ତି ହୋଇଥିବା ବେଳେ ସହରର ଆବର୍ଜନା ପଶି ପାଣିକୁ ଦୂଷିତ କରିବା ସହ ଏହାକୁ ପୋତିବାରେ ଲାଗିଥିଲା। ବିଭିନ୍ନ ସଂଗଠନ ଦାବି କରିବା ପରେ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ସଫେଇ କାର୍ଯ୍ୟ ଆରମ୍ଭ କରିଛି। ପ୍ରଥମେ ଜୟନଗର ହରିଜନ ସାହି ମାଛଧରା ଘାଟରୁ କାର୍ଯ୍ୟ ଆରମ୍ଭ ହୋଇଛି। ଜଗନ୍ନାଥ ସାଗର ଏକ ଐତିହାସିକ ସ୍ଥଳ ହୋଇଥିବାରୁ ଓଡ୍ରାଫ ଟିମ, ପୌରପାଳିକା, ବିଜୁ ଯୁବ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ ଏଥିରେ ସାମିଲ ହୋଇଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ଲୋକନାଥ ଦଳ ବେହେରା, ପୌର ନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ, ତହସିଲଦାର ରଞ୍ଜିତା ମଲ୍ଲିକ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସେଠୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଘ୍ନେଶ୍ୱର ଦାଶ, ଓଡ୍ରାଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେଶ କିଶାନ ଉପସ୍ଥିତ ଥିଲେ। ଦଳ ବାହାରିବା ପରେ ସାଗରର ବିକାଶ ହେବା ସହ ମତ୍ସ୍ୟଜୀବୀମାନେ ମଧ୍ୟ ଉପକୃତ ହୋଇପାରିବେ । ୩ ଶହ ଏକର ପରିମିତ ଏହି ସାଗର ମଧ୍ୟ ଧୀରେଧୀରେ ଜବରଦଖଲକାରୀଙ୍କ କବ୍ଜାରେ ରହି ୧ ଶହ ଏକରକୁ ଖସିଆସିଛି । ତେଣୁ ଏହାକୁ ଉଚ୍ଛେଦ କରି ସାଗରର ପୂର୍ବ ଗୌରବ ଫେରାଇ ଆଣିବାକୁ ସହରବାସୀ ଦାବି କରିଛନ୍ତି । କ୍ଷୁଦ୍ର ଜଳ ସେଚନ ବିଭାଗ ୬ ଲକ୍ଷ ଟଙ୍କା ଖର୍ଚ୍ଚକରି ୨୦୦୮ରେ ସଫେଇ କରିଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇପାରି ନଥିଲା ।

# ଗାନ୍ଧୀ ଶାନ୍ତି ସଦ୍ଭାବନା ଜ୍ୟୋତି ଯାତ୍ରାକୁ ସମ୍ବର୍ଦ୍ଧନା

**କୋରାପୁଟ,୧୪।୧୦(ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଓଡିଶା ଗାନ୍ଧୀବାଦୀ ଫୋରମ ପକ୍ଷରୁ ରାଜ୍ୟ ସରକାରଙ୍କ ସହଯୋଗରେ ଦିଲ୍ଲୀସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠ ରାଜଘାଟରୁ ବାହାରିଥିବା ଗାନ୍ଧୀ ଶାନ୍ତି ସଦ୍ଭାବନା ଜ୍ୟୋତିଯାତ୍ରା କୋରାପୁଟରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଗାନ୍ଧୀପାର୍କରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଜ୍ୟୋତିକୁ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀଙ୍କ ଅହିଂସା, ମୈତ୍ରୀ ଓ ସଦ୍ଭାବନାରେ ଯୁବବର୍ଗ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଏଥିରେ ଫୋରମ ସଭାପତି ଡ. ରିନା ରାଉତରାୟ, ଉପସଭାପତି ବିଶ୍ୱଜିତ ସୂର୍ଯ୍ୟବଂଶୀ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଖବରଦାତା ଭବାନି ଶଙ୍କର ମିଶ୍ର, ରାଜକିଶୋର ସାମନ୍ତରାୟ, ରମାନାଥ ଶର୍ମା, ଅରୁଣ ଦାସ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୋରାପୁଟରେ ପହଞ୍ଚିଥିବା ଜ୍ୟୋତି ଯାତ୍ରାକୁ ସ୍ୱାଗତ କରାଯାଉଛି।

# ଦେବୀଙ୍କ ଆବାହନ ପାଇଁ ଦାମନଯୋଡ଼ି ଚଳଚଞ୍ଚଳ

**ଦାମନଯୋଡ଼ି,୧୪।୧୦(ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ପାଇଁ ଦାମନଯୋଡ଼ି ସହର ଚଳଚଞ୍ଚଳ। ବିଭିନ୍ନ ସ୍ଥାନରେ ସୁନ୍ଦର ତୋରଣ, ଆଲୋକସଜ୍ଜା ସାଙ୍ଗକୁ ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ। ଏଠାରେ ମୁଖ୍ୟତଃ ଷଷ୍ଠୀଠାରୁ ପୂଜା ହେଉଥିଲେ ମଧ୍ୟ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିର ପରିସରସ୍ଥ ମା' ବିମଳାଙ୍କ ମନ୍ଦିରରେ ରବିବାରଠାରୁ ଯଥାରୀତି ପୂଜା ଆରମ୍ଭ ହୋଇଛି। ମଙ୍ଗଳା ମନ୍ଦିର, ଭେଜାପୁଟସ୍ଥିତ ମା' ତାରିଣୀ, ମାଥାଲପୁଟର ମା' ଅଗ୍ନିଗାଙ୍ଗମ୍ମା ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ପୂଜା କରାଯାଇଛି। ସାର୍ବଜନୀନ ଦୁର୍ଗାପୂଜା ପାଇଁ ମାଥାଲପୁଟ ମାର୍କେଟ୍ର ଦୁର୍ଗା ମଣ୍ଡପରେ ଆୟୋଜନ ଚାଲିଥିବା ବେଳେ ମାଥାଲପୁଟ ଭାରି ଓ ହାଲୁକା ମୋଟର ଯାନ କର୍ମଚାରୀ ସଂଘ (ଡ୍ରାଇଭର ୟୁନିଅନ), ଭେଜାପୁଟ ମାର୍କେଟ୍, ସେକ୍ଟର-୧ ଓ ସେକ୍ଟର-୩ ସ୍ଥିତ ଦୁର୍ଗା ମଣ୍ଡପରେ ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ହୋଇଛି। ୨୦ ତାରିଖ ଶନିବାର ସନ୍ଧ୍ୟାରେ ସେକ୍ଟର-୨ ଡ. ଆମ୍ବେଡକର ଷ୍ଟାଡ଼ିୟମରେ ନାଲକୋର କମନ ୱେଲଫେୟାର କମିଟି ପକ୍ଷରୁ ରାବଣପୋଡ଼ି ଆୟୋଜିତ ହେବ। ମାଥାଲପୁଟ, ଭେଜାପୁଟ, ନାଲକୋ ଟାଉନସିପ୍ର ବିଭିନ୍ନ ମୂର୍ତ୍ତିଙ୍କ ବିସର୍ଜନ ଶୋଭାଯାତ୍ରା ବେଳେ ଏଠାରେ ସମବେତ ହୋଇ ରାବଣପୋଡ଼ି ଅନୁଷ୍ଠିତ ହେବ। ଶାରଦୀୟ ଅବସରରେ ବିଭିନ୍ନ ସ୍ଥାନରେ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ସେହିପରି ଏଠାକାର ଆରାଧ୍ୟଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି।

## ଫଟୋରେ ଖବର



ଜୟପୁର ଦଶହରାରେ ରବିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।



ଦାମନଯୋଡ଼ି ଡ୍ରାଇଭର ୟୁନିୟନ ପକ୍ଷରୁ ଦଶହରା ପାଇଁ ନିର୍ମିତ ତୋରଣ।



ବୋରିଗୁମ୍ମା ସହରରେ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା।



ଦାମନଯୋଡ଼ିସ୍ଥିତ ସେକ୍ଟର-୩ ମଣ୍ଡପରେ ଆକର୍ଷଣୀୟ ତୋରଣ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୧୫ ଅକ୍ଟୋବର, ୨୦୧୮



**ସଂକ୍ଷେପରେ**



## ନବରାତ୍ର ପୂଜା

ଗୁଣପୁର,୧୪।୧୦(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର ବିଭିନ୍ନ ଦେବୀପୀଠରେ ନବରାତ୍ର ପୂଜା ଚାଲୁ ରହିଛି । ସହରର ଦକ୍ଷିଣକାଳୀ, କନକ ଦୁର୍ଗା, ବନଦୁର୍ଗା, ମାଣିକେଶ୍ୱରୀ, ଠାକୁରାଣୀ ,କାଞ୍ଚିକାମାକ୍ଷୀ, ମଙ୍ଗଳାଙ୍କ ସହ ବିଭିନ୍ନ ପୀଠରେ ମା'ଙ୍କ ଯଥାରୀତି ପୂଜା ଆୟୋଜନ ଚାଲିଛି । ମହିଳାମାନେ ଏକତ୍ରିତ ହୋଇ କୁଙ୍କୁମ ପୂଜା କରିବା ସହ ଦେବୀ ଦୁର୍ଗାଙ୍କ ନବ ଅବତାରରେ ପୂଜା କରାଯାଉଛି । ବିକ୍ରମପୁରଠାରେ ଥିବା ଗ୍ରାମ ଦେବୀ ମନ୍ଦିରରେ ମହିଳାମାନେ ୯ ଦିନ ବ୍ୟାପୀ କୁଙ୍କୁମ ପୂଜା ଆରମ୍ଭ କରିଛନ୍ତି । ୨୩ ଜଣ ମହିଳା ଏଥିରେ ଭାଗନେଇ ପୂଜାର୍ଚ୍ଚନା କରୁଛନ୍ତି । ମା'ଙ୍କ ପୂଜା ଲାଗି ସହରସହ ଦେବୀ ପୀଠ ଗୁଡିକ ଚଳଚଞ୍ଚଳ ହୋଇ ଉଠିଛି ।

## ୨୪ ଭରି ସୁନା,୯୦ ହଜାର ଟଙ୍କା ଚୋରି

ମୁନିଗୁଡ଼ା,୧୪।୧୦(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଗଉଡ଼ସାହିର ହାଡ଼ିପା ଗୌଡ଼ଙ୍କ ଘରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ସୁନା ଓ ଟଙ୍କା ଚୋରି କରି ନେଇଛନ୍ତି । ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ଥିବା ଆଲମାରିରୁ ପ୍ରାୟ ୨୪ ଭରି ସୁନା ଅଳଙ୍କାର ସହ ନଗଦ ୯୦ ହଜାର ଟଙ୍କା ଚୋରି କରି ନେଇଛନ୍ତି । ଏନେଇ ରବିବାର ହାଡ଼ିପାଙ୍କ ସ୍ତ୍ରୀ ସବିତା ଥାନାରେ ଏତଲା ଦେଇଛନ୍ତି । ମୁନିଗୁଡ଼ା ଏସଡ଼ିପିଓ ଚନ୍ଦ୍ରଶେଖର ହୋତାଙ୍କ ନେତୃତ୍ୱରେ ସେକେଣ୍ଡ ଅଫିସ ରିଗାନ କିଣ୍ଡୋ, ତପନ କୁମାର ମହାଲିକ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇଛନ୍ତି ।

## ମଦ ଜବତ, ୪ ଗିରଫ



ରାୟଗଡା ଅଫିସ୍, ୧୪।୧୦: ଦଶହରା ପୂଜା ଉପଲକ୍ଷେ ରାୟଗଡା ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର, ବେଲକଣା ଏବଂ କଲ୍ୟାଣସିଂହପୁର ଗ୍ରାମରେ ଚଢ଼ାଉ କରାଯାଇ ମଦ ଜବତ କରାଯିବା ସହ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ଲକ୍ଷ୍ମୀନଗର ଗ୍ରାମର ଭୁବୁନି ମୁକାରିଆ, ଚିକାମିଆ ଭୀମ, ତୁଣ୍ଡିଆ ଧନପତି ଏବଂ ବେଲକଣା ଗ୍ରାମର ସାହୁକାର ସୁରାନା । ଭୁବୁନିଙ୍କଠାରୁ ୫ଲିଟର, ଚିକାମିଆଙ୍କଠାରୁ ୫ଲିଟର, ତୁଣ୍ଡିଆଙ୍କ ଠାରୁ ୫ଲିଟର, ସାହୁକାରଙ୍କଠାରୁ ୧୦ଲିଟର ଦେଶୀ ରନ୍ଧା ମହୁଲ ମଦ ଜବତ କରାଯାଇଛି । ରାୟଗଡା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଅରୁଣ କୁମାର ପାଢ଼ୀ, ଜିଲା ଅବକାରୀ ମୋବାଇଲ ସ୍କ୍ୱାଡର ଉପନିରୀକ୍ଷକ ଉତ୍ତମ କୁମାର ବେହେରା, ଏଏସ୍ଆଇ ବନବନ୍ଧୁ ସିରା, କନଷ୍ଟେବଳ ସନ୍ନ୍ୟାସୀ ହିଆଲ, କୁମାରୀ ମେଲାକା, କିଶୋର ବିଡିକା ଏବଂ ନିରଞ୍ଜନ ମାଝି ପ୍ରମୁଖ ଏହି ଚଢ଼ାଉରେ ସାମିଲ୍ ହୋଇଥିଲେ ।

## ବିପଦପୂର୍ଣ୍ଣ ଅବସ୍ଥାରେ ପଞ୍ଚାଳି ରାସ୍ତା

ଟିକିରି, ୧୪।୧୦(ଡି.ଏନ୍.ଏ.): ରାୟଗଡା ଜିଲା କାଶୀପୁର ବ୍ଲକ ଶଙ୍କରଡା ପଞ୍ଚାୟତ ପଞ୍ଚାଳି, କପାଡାଙ୍ଗ କେବିଡି କି ଅନେକ ଗ୍ରାମକୁ ସଂଯୋଗ ହୋଇଥିବା ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟଛି । ଏହି ରାସ୍ତା ଉପରେ ବିଭିନ୍ନ ଗ୍ରାମର ଲୋକେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଫଳରେ ଲୋକେ ଉକ୍ତ ରାସ୍ତାରେ ଯା'ଆସ କରିବାକୁ ହଇରାଣ ହେଉଛନ୍ତି । ବାରମ୍ବାର ଲୋକ ପ୍ରତିନିଧି ଓ ବ୍ଲକ ଅଫିସରେ ଜଣାଇଥିଲେ ସୁଦ୍ଧା କିଛି ଲାଭ ହେଉ ନି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଭାଜପା ନେତା ବେଲଧର ମାଝିଙ୍କ ସମେତ ବୁଧଦେବ ଗରଡା, ସୋମନାଥ ଗରଡା, ଯଦୁ ଗରଡା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

■ ବାତ୍ୟାରେ ୧୫୦୦ ଏକର କପା, ଧାନ ଚାଷ ନଷ୍ଟ

# ୪ ଦିନ ବିତିଲା, ଅନୁଧ୍ୟାନ କଲେନି ଅଧିକାରୀ

ରାମନାଗୁଡ଼ା,୧୪।୧୦(ଡି.ଏନ୍.ଏ.)

ବାତ୍ୟା ପରେ ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଉକାମ୍ବା ପଞ୍ଚାୟତର ସଦର ମହକୁମା ଏବଂ ଉକାମ୍ବାଗୁଡା ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଏହି ଅଞ୍ଚଳରେ ପ୍ରାୟ ୧୫୦୦ ଏକର କପା ଏବଂ ଧାନ ଗଛ ଭୂମିରେ ପଡ଼ିଯାଇଛି । ଏହାଦ୍ୱାରା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି । ଯାହା ୧୫ ଦିନ ମଧ୍ୟରେ ଏକରକୁ ୪ରୁ ୫ କୁଇଣ୍ଟାଲ ଫସଲ ଆଦାୟ ହୋଇଥାନ୍ତା । ଏହାକୁ ନେଇ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଇତିମଧ୍ୟରେ ୪ ଦିନ ବିତିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅଧିକାରୀ ଆସି ଚାଷ ଦେଖିଯାଇ ନାହାନ୍ତି ବୋଲି ଚାଷୀ ନେତା ମାର୍ଚ୍ଚ ଲିଙ୍ଗରାଜ ପ୍ରକାଶ କରିଛନ୍ତି । ଉକାମ୍ବାଗୁଡାରେ ପୋଖରୀ ପୋତି ହେବା ଏବଂ ଶିରି ଚାଷ କରିବା ତଳ ମୁଣ୍ଡ ଚାଷୀଙ୍କୁ ମହଙ୍ଗା ପଡିଛି । ଉକ୍ତ ପୋଖରୀଟି ପ୍ରାୟ ୧୪ ଏକର ଥିଲା । ଏବେ ମାତ୍ର ତାର ଅଧା ହିଁ ରହିଛି । ସେହି ଅଧା ପୋଖରୀରେ ୩ ଏକରରୁ କମ୍ ଜାଗାରେ ଏମଜିଏନ୍ଆରଇଜିଏ ଦ୍ୱାରା ହିଡ଼ କରିଦେବା ଫଳରେ ଜଳ ଧାରଣ କ୍ଷମତା କମିଗଲା । ଫଳରେ ତଳମୁଣ୍ଡର ପ୍ରାୟ ୩୦୦ ଏକର ଜମି ଜଳମଗ୍ନ ହୋଇଗଲା । ପୋଖରୀର ସମ୍ପୂର୍ଣ୍ଣ କାମ କରାଯିବାକୁ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ବ୍ଲକ ପ୍ରଶାସନ ଶୁଣି ନ ଥିଲେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ତଳ ମୁଣ୍ଡର ଚାଷୀମାନେ ଜିଲାପାଳଙ୍କୁ ଭେଟି ନିଜର ସମସ୍ୟା ଜଣାଇବାକୁ ଯୋଜନା କରିଛନ୍ତି । ଏହି ପୋଖରୀଟି ଚାଷ କାମ ନିମନ୍ତେ ଉଦ୍ଦିଷ୍ଟ । ଏଣୁ ଏହାର ଦାୟିତ୍ୱ ଜଳସେଚନ ବିଭାଗର, କିନ୍ତୁ ବ୍ଲକ ପ୍ରଶାସନ କିପରି ଏହି କାମ କଲା ବୋଲି ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ ନିଜ ପ୍ରତିକ୍ରିୟାରେ କହିଛନ୍ତି । ତୁରନ୍ତ ବିଭାଗୀୟ ଅଧିକାରୀ ଏହି ଜିଲାପାଳଙ୍କ ସହିତ ଆଲୋଚନା କରି ସମାଧାନ କରିବା ନିମନ୍ତେ କହିଛନ୍ତି ।



କ୍ଷତିଗ୍ରସ୍ତ ନେଇ ଚାଷୀମାନେ ଆଲୋଚନା କରୁଛନ୍ତି ।

# ଜଗନ୍ନାଥପୁର ଅଞ୍ଚଳରେ ଫସଲ ନଷ୍ଟ ନେଇ ଦାବିପତ୍ର



ଲୋକମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଗୁଣପୁର,୧୪।୧୦(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ କୃଷି ଜାତ ଫସଲ ନଷ୍ଟ ହୋଇଥିବା ନେଇ ଉପଜିଲାପାଳ ଅମ୍ରିତ ଋତୁରାଜଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସାମୁଦ୍ରିକ ଝଡ ତିତ୍ଲି ପ୍ରଭାବରେ ଧାନ, କପା , କାଜୁ ଏବଂ ଆମ୍ବ ଗଛଗୁଡିକ ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଲୋକମାନେ ଋଣ କରି ସେଗୁଡିକ ଲଗାଇଥିଲେ । ତେବେ ବର୍ଷା ପବନ ଯୋଗୁଁ ତାହା କ୍ଷତିଗ୍ରସ୍ତ ହୋଇଛି । ବର୍ତ୍ତମାନ ଋଣ ଶୁଝିବା କଷ୍ଟକର ହୋଇପଡିଛି । ତେଣୁ କୃଷି ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଥିଲା । ସରପଞ୍ଚ ଗୌରୀ ଗମାଙ୍ଗଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା ।

■ ତିତ୍ଲି ପରେ ବଢୁଛି ଦୁର୍ଦ୍ଦଶା

# ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା

ରାୟଗଡା ଅଫିସ୍, ୧୪।୧୦

ସାମୁଦ୍ରିକ ଝଡ଼ ତିତ୍ଲିର ପ୍ରଭାବରେ ରାୟଗଡା ସହରର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପବନରେ ଗଛ ଭାଙ୍ଗିବା ସହିତ ଲଗାଣ ବର୍ଷା ଯୋଗୁ ରାସ୍ତାପାର୍ଶ୍ୱରେ ପଡିଥିବା ଅଳିଆ ଆବର୍ଜନାଗୁଡିକ ନାଳ ନର୍ଦ୍ଦମାରେ ଭର୍ତ୍ତି ହୋଇଥିଲା । ପୌର ପରିଷଦ ପକ୍ଷରୁ କେତେକ ଅଞ୍ଚଳରେ ପଡିଥିବା ଗଛଗୁଡିକ ହଟାଯାଇଥିଲେ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ଗଛପତ୍ର ଓ ଅଳିଆ ଆବର୍ଜନାଗୁଡିକ ଜମାହୋଇ ରହିଛି । ବର୍ଷା ଛାଡିବା ପରେ ଅଧିକାଂଶ ଅଞ୍ଚଳରେ ପୂର୍ତ୍ତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ନର୍ଦ୍ଦମାଗୁଡିକରେ ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ । ଫଳରେ ରାୟଗଡା ସହରରେ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି । ପୌର ପରିଷଦ ତରଫରୁ ମଶା ବଂଶ ଦମନ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ କିଣାଯାଇଥିବା ୪ରୁ ଉର୍ଦ୍ଧ୍ୱ ଟିଫା ମେଶିନ୍ କୌଣସି କାର୍ଯ୍ୟରେ ଲାଗୁନାହିଁ । ଟିଫା ମେଶିନ୍‌କୁ ବୁଲାଯାଉ ନ ଥିବାରୁ ସହରରେ ପରିସ୍ଥିତି ଅଣାୟତ୍ତ ହେଲାଣି । ମଶା କାମୁଡାରେ ସହରବାସୀ ମ୍ୟାଲେରିଆ, ମସ୍ତିଷ୍କ ମ୍ୟାଲେରିଆ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି । ଏମିତି କି ନାଳନର୍ଦ୍ଦମାଗୁଡିକରେ ବ୍ଲିଚିଂ କିମ୍ବା ଫିନାଇଲ୍ ପକାଯାଉନାହିଁ । ପୌର ପରିଷଦ କର୍ତ୍ତୃପକ୍ଷ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଛନ୍ତି । ଡିଡିଟି କିମ୍ବା ମଶା ତେଲ ଆଦୌ ସିଞ୍ଚନ କରାଯାଉନାହିଁ । ଯାହାଫଳରେ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଥିବା ନେଇ ଅଭିଯୋଗ ହୋଇଛି । ୨୪ଟି ୱାର୍ଡକୁ ନେଇ ଗଠିତ ଏହି ରାୟଗଡା ପୌର ପରିଷଦର ପରିମଳ ସଫେଇ ଦାୟିତ୍ୱ ଏକ ଠିକା ସଂସ୍ଥାକୁ ଦିଆଯାଇଛି । ସମ୍ପୃକ୍ତ ସଂସ୍ଥା ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ଜମା ରହିଥିବା ଆବର୍ଜନା ଏବଂ ନାଳନର୍ଦ୍ଦମାଗୁଡିକ ନିୟମିତ ସଫା କରାଯାଉନାହିଁ । ଏଭଳିସ୍ଥିତିରେ ପୌର ପରିଷଦ, ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ଏହାକୁ ତଦାରଖ କରାଯାଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।



ରାସ୍ତା କଡ଼ରେ ଅଳିଆ ଆବର୍ଜନା ଜମି ରହିଛି ।

## ତିତ୍ଲି ପ୍ରଭାବରେ ଭାଙ୍ଗିଲା ସ୍କୁଲ କୋଠା

ଟିକିରି, ୧୪।୧୦(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ ସଙ୍କରଡା ପଞ୍ଚାୟତ କପାଡାଙ୍ଗ ପ୍ରାଥମିକ ବିଦ୍ୟାଳୟର ଛାତ ତିତ୍ଲି ପ୍ରଭାବରେ ଦୁର୍ବଳ ଥିବାବେଳେ ଶନିବାର ଏହା ଭାଙ୍ଗିଯାଇଛି । ତିତ୍ଲି ଯୋଗୁ ସ୍କୁଲ ଛୁଟି ଥିବାରୁ ଛାତ୍ରୀଛାତ୍ରମାନେ କେହି ନ ଥିଲେ । ଫଳରେ ଏକ ବଡ ବିପଦ ଟଳିଛି ବୋଲି ଗ୍ରାମବାସୀ କହିଛନ୍ତି । ବିଦ୍ୟାଳୟ କୋଠା ପୂର୍ବରୁ ବିପଦ ସଙ୍କୁଳଭାବେ ଥିବାବେଳେ ଏଥିପ୍ରତି ଶିକ୍ଷକ କିମ୍ବା ଶିକ୍ଷା ବିଭାଗ ଦୃଷ୍ଟି ଦେଇ ନଥିଲେ ବୋଲି ଗ୍ରାମବାସୀ କହିଛନ୍ତି ।



ଭୁଶୁଡ଼ି ପଡିଥିବା ସ୍କୁଲ କୋଠା ।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବିଷମକଟକ,୧୪।୧୦(ଡ଼ି.ଏନ.ଏ)

ବିଷମକଟକ ମା' ମାର୍କମା କଲେଜ ସଭା ଗୃହରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ 'ମୁଁ ହିରୋ, ମୁଁ ଓଡିଶା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଷମକଟକ ବିଧାୟକ ଜଗନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପଞ୍ଚାୟତ ସମିତି ଅଧ୍ୟାକ୍ଷା ବିଜୟସନ୍ତି କୁମୁରୁକା ଅଧ୍ୟକ୍ଷତା କରିଥିଲେ । ଜିଲା ଜନଜାତି ଉନୟନ ଅଧ୍ୟକ୍ଷ ଜଗନାଥ ନୁଣ୍ଡୁକା ,ଯୋଜନା ବୋର୍ଡ଼ ସଦସ୍ୟ ସୁଧିର ଦାସ , ରାଜ୍ୟ ଖଦିବୋର୍ଡ଼ ସଦସ୍ୟ ପୃଥୀରାଜ ସାହୁ, ମା' ମାର୍କମା କଲେଜ ଅଧ୍ୟକ୍ଷ ସୁଦର୍ଶନ ରଥ, +୩ ଅଧ୍ୟକ୍ଷ ରବି ଶଙ୍କର , ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ପାଳକ, ଅତିରିକ୍ତ ଗୋଷ୍ଠୀ ଉନୟନ ଅଧିକାରୀ ଗୁଲମ ମକସଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଜୁବାବୁଙ୍କ ଉପରେ ପ୍ରାମାଣିକ ତୈଳ ଚିତ୍ର ପ୍ରଦର୍ଶନ ହୋଇଥିଲା । ଯୁବ ପ୍ରତିଭାମାନେ ସଙ୍ଗୀତ ,ନୃତ୍ୟ ଓ ଏକାଙ୍କିକ ପ୍ରଦର୍ଶନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ସୁବାସ ମେଲେକ ଓ ମନୋଜ ପ୍ରଧାନୀଙ୍କୁ କ୍ରୀଡା ପାଇଁ ସମ୍ମାନିତ କରାଯାଇଥିଲା । ଆଦିମ ଅଧିବାସୀ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ପ୍ରଥମ ପୋଷ୍ଟ ଗ୍ରାଜୁଏଟ ଭାବେ ରବୀନ୍ଦ୍ର ୱାଡ଼ାକାଙ୍କୁ ସମ୍ମାନିତ କରାଯାଇଥିଲା । ଏହି କର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ନୋଡାଲ ଅଫିସର ମୃଣ୍ମୟ ରାଉତ, ବ୍ଲକ ଯୁବ କ୍ରୀଡା ସଂଯୋଜକ ସନ୍ତୋଷ ପଟ୍ଟନାୟକ, ଦେବୀ ପଟ୍ଟନାୟକ ,ଜ୍ୟୋତି ସାହୁ, ରତନ ଜୈନ, ଡ଼ି. ଶିବା, ପୂର୍ଣ୍ଣ ଗୌଡ଼ ,ରମେଶ ପାଢି ପ୍ରମୁଖ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଦୁର୍ଗା ପୂଜା ନେଇ ଜେକେପୁର ଉତ୍ସବମୁଖର

ଜେକେପୁର,୧୪।୧୦(ଡ଼ି.ଏନ.ଏ)

ପାର୍ବଣ ଋତୁର ଆଶ୍ୱିନ ମାସରେ ଧରାପୃଷ୍ଠରେ ଓହ୍ଲାଇବେ ମା' ଦୁର୍ଗା । ଏ ନେଇ ଶାରଦୀୟ ଦୁର୍ଗା ପୂଜା କରୁଥିବା ମଣ୍ଡପଗୁଡିକରେ ସୁନ୍ଦର ତୋରଣ ସାଙ୍ଗକୁ ଗଢା ଯାଇଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି । ଏହି ଅବସରରେ ରାୟଗଡା ଜିଲାର ଜେକେପୁରଠାରେ ଥିବା ଏକ ଶ୍ରେଷ୍ଠ ଶିଳ୍ପାନୁଷ୍ଠାନ ଜେକେ କାଗଜ କଳ ଦୁର୍ଗା ପୂଜା କମିଟି ପକ୍ଷରୁ ମଧ ସମସ୍ତ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଦୁର୍ଗା ପୂଜାକୁ ମଧ ମହାଆଡମ୍ବରରେ ପାଳନ କରିବ ପୂଜା କମିଟି । ୫ଦିନ ଧରି ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ପୂଜାବିଧି ନିୟମାନୁସାରେ ସୋମବାର ଷଷ୍ଠୀ ପୂଜା ଆରମ୍ଭ ହେବ । ପ୍ରଥମ ଦିନରେ ନବ ପତ୍ରିକା ଓ ବିଲ୍ୱଦିବସ, ମହାସପ୍ତମୀ ପୂଜା ଦିନ ସୂର୍ଯ୍ୟପୂଜା, ନେତ୍ର ଉଦଘାଟନ, ପ୍ରାଣ ପ୍ରତିଷ୍ଠା, ଷୋଡଶ ଉପଚାର ପୂଜା, ହୋମ, ଆରତି, ଚଣ୍ଡୀପାଠ, ବିଲ୍ୱବରଣ, ଅଷ୍ଟମୀ ଓ ନବମୀରେ ପୂଜା କରାଯିବାକୁ ଥିବା ବେଳେ ୧୯ତାରିଖରେ ବିଜୟା ଦଶମୀ ତିଥିରେ ପୂର୍ଣ୍ଣାହୁତି ଓ ସନ୍ଧ୍ୟାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି । ତିତଲି ପ୍ରଭାବରେ ପୂଜାକୁ ନେଇ କୌଣସି ପ୍ରଭାବ ପଡିବ ନାହିଁ ଓ ମା'ଙ୍କ ଆର୍ଶିବାଦରେ ଏଥର ମଧ ଦର୍ଶକଙ୍କ ଭିଡ ଆହୁରି ଅଧିକ ରହିବ ବୋଲି ପୂଜା କମିଟି ଅଧକ୍ଷ ପବନ କୁମାର ସୁରୀ କହିଛନ୍ତି । ପୂଜା ପଡିଆରେ ସୁସ୍ୱାଦ୍ୟ ଖାଦ୍ୟ ଷ୍ଟଲଗୁଡିକ ଲଗାଯାଇଛି । ଶାନ୍ତିଶୃଙ୍ଖଳା ନିମନ୍ତେ ଚାନ୍ଦିଲି ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ଜେକେ କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ ସୂଚନା ଦେଇଛନ୍ତି ।



ଜେକେପୁରରେ ନିର୍ମାଣ କରାଯାଇଥିବା ତୋରଣ ।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

ବ୍ରହ୍ମପୁର ଅଫିସ,୧୪।୧୦

ବ୍ରହ୍ମପୁର ଟାଉନ ଥାନା ଅଧୀନ ବଗୁଲି ସାହିରେ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଡି.ଜାନକୀ । ଜାନକୀ ଘର ସଫା କରୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଜାନକୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ୨ ବର୍ଷରେ ବଦଳି ହେଲେଣି ୭ ସିଡିଏମ୍‌ଓ

ରାୟଗଡା ଅଫିସ୍, ୧୪।୧୦

**ରାୟଗଡ଼ା ଜିଲା**

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ପଦବୀ ଜିଲା ପାଇଁ ଅଭିଶପ୍ତ ପାଲଟିଛି । ୨ବର୍ଷ ମଧ୍ୟରେ ୭ଜଣ ସିଡିଏମ୍‌ଓଙ୍କ ଜିଲାରୁ ବଦଳି ହୋଇଛି । କେହି ଜଣେ ମଧ ସିଡିଏମ୍‌ଓ ଦୀର୍ଘ ସମୟ ଧରି ଜିଲାରେ ରହିପାରୁନାହାଁନ୍ତି । ରାଜନୈତିକ ଚାପହେତୁ କିମ୍ବା ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଜିଲାରେ ସିଡିଏମ୍‌ଓ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବାରମ୍ବାର ପରିବର୍ତ୍ତନ ଘଟୁଛି । ଆଉ ବର୍ତ୍ତମାନ ମଧ ପୁଣି ତାହାର ପୁନରାବୃତ୍ତି ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଚିଠି ନମ୍ବର ୨୬୮୯୨/୧୩।୧୦।୨୦୧୮ରେ ବର୍ତ୍ତମାନର ସିଡିଏମ୍‌ଓ ଡାକ୍ତର ବିମଳପ୍ରଭା ସାହୁଙ୍କୁ ହଟାଯାଇ ତାଙ୍କ ସ୍ଥାନରେ ଡାକ୍ତର ଶିବପ୍ରସାଦ ପାଢ଼ୀଙ୍କୁ ନୂତନ ସିଡିଏମ୍‌ଓ ଭାବେ ନିଯୁକ୍ତି କରାଯାଇଛି । ଗତ ଶନିବାର ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ବାହାରିଥିବା ବେଳେ ଶନିବାର ସୁଦ୍ଧା ନୂତନ ସିଡିଏମ୍‌ଓ କାର୍ଯ୍ୟରେ ଯୋଗଦାନ କରିବା ନିମନ୍ତେ ନିର୍ଦ୍ଦେଶନାମାରେ ଲିଖିତ ରହିଛି । ଅନୁଗୁଳ ସିଡିଏମ୍‌ଓ ଭାବେ ଦାୟିତ୍ୱରେ ଥିବା ଡାକ୍ତର ପାଢ଼ୀ କିଭଳି ଯେଉଁଦିନ ବଦଳି ନିର୍ଦ୍ଦେଶନାମା ବାହାରିଲା ସେହିଦିନ ହିଁ କାର୍ଯ୍ୟରେ ଯୋଗଦାନ କରିବେ ତାହା ଚିନ୍ତା କରାଯାଇନାହିଁ । ତେବେ ଏହା ପୂର୍ବରୁ ସ୍ଥିର ଥିବା ଅନୁମାନ କରାଯାଉଛି । ତେବେ ସିଡିଏମ୍‌ଓ ଦାୟିତ୍ୱରେ ଥିବା ଡାକ୍ତର ବିମଳାପ୍ରଭା ସାହୁଙ୍କୁ କେଉଁଠି ନିଯୁକ୍ତି କରାଗଲା ତାହା ଜଣାପଡିନାହିଁ । ତେବେ ସର୍ବଦା ବିଭିନ୍ନ ରୋଗ ଓ ଅକାଳ ମୃତ୍ୟୁକୁ ନେଇ ଚର୍ଚ୍ଚାର ପରିଧିରେ ରହିଥିବା ରାୟଗଡା ଜିଲାରେ ସିଡିଏମ୍‌ଓ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାହିଁକି ଠିକ୍ ଭାବେ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ । ୨୦୧୬ ରୁ ବର୍ତ୍ତମାନ ସୁଦ୍ଧା ୭ଜଣ ସିଡିଏମ୍‌ଓ ବଦଳିଲେଣି ।

୨୦୧୬ ନଭେମ୍ବର ୧ତାରିଖରେ ଡାକ୍ତର ଶିବପ୍ରସାଦ ପାଢ଼ୀ ସିଡିଏମ୍‌ଓ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ହେଲେ ମାତ୍ର ୧୫ଦିନ ମଧ୍ୟରେ ତାଙ୍କୁ ହଟାଯାଇ ୧୬ତାରିଖରେ ଡାକ୍ତର ସରୋଜବନ୍ଧୁ ମହାପାତ୍ରଙ୍କୁ ନିଯୁକ୍ତି କରାଗଲା । ପୁଣି ଦେଢ଼ମାସ ପରେ ଅର୍ଥାତ୍ ୨୦୧୬ ଡିସେମ୍ବର ୩୧ତାରିଖରେ ଡାକ୍ତର ମହାପାତ୍ରଙ୍କୁ ହଟାଯାଇ ଡାକ୍ତର ଶିବପ୍ରସାଦ ପାଢ଼ୀଙ୍କୁ ନିଯୁକ୍ତି ଦିଆଗଲା । ୨୦୧୭ ଜାନୁୟାରୀ ୧ରୁ ୮ତାରିଖ ମାତ୍ର ୮ଦିନ ଡାକ୍ତର ପାଢ଼ୀ ସିଡିଏମ୍‌ଓ ଭାବେ କାର୍ଯ୍ୟ ତୁଲାଇଲେ । ୯ ତାରିଖରେ ଡାକ୍ତର ସରୋଜ କୁମାର ନାୟକଙ୍କୁ ସିଡିଏମ୍‌ଓ ଭାବେ ନିଯୁକ୍ତି ହେଲେ । ମାତ୍ର ସାଢ଼େ ଆଠମାସ ପରେ ସେପ୍ଟେମ୍ବର ୨୪ତାରିଖରେ ଡାକ୍ତର ନାୟକଙ୍କୁ ବଦଳି କରି ଦିଆଗଲା । ଏହାପରେ ୨୫ତାରିଖରୁ ଡାକ୍ତର ଶିବପ୍ରସାଦ ପାଢ଼ୀ ମାତ୍ର ୬ମାସ ପାଇଁ ୨୦୧୮ ଫେବୃୟାରୀ ୨୦ତାରିଖ ପର୍ଯ୍ୟନ୍ତ ସିଡିଏମ୍‌ଓ ଦାୟିତ୍ୱରେ ରହିଲେ । ଏହାପରେ ୨୧ତାରିଖରେ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସଙ୍କୁ ସରକାର ସିଡିଏମ୍‌ଓ ଭାବେ ବଦଳି କଲେ । ୮ମାସ ରହିବା ପରେ ସେପ୍ଟେମ୍ବର ୨୫ତାରଖରେ ତାଙ୍କୁ ହଟାଇ ତାଙ୍କ ସ୍ଥାନରେ ଡାକ୍ତର ବିମଳାପ୍ରଭା ସାହୁଙ୍କୁ ନିଯୁକ୍ତି ଦିଆଗଲା । ୧୭ ଦିନ ରହିବା ପରେ ଗତ ଶନିବାର ଡାକ୍ତର ସାହୁଙ୍କୁ ହଟାଇ ପୁଣିଥରେ ଡାକ୍ତର ଶିବପ୍ରସାଦ ପାଢ଼ୀଙ୍କୁ ନିଯୁକ୍ତି କରାଯାଇଛି । ଅନୁଗୁଳ ଜିଲାରୁ ରାୟଗଡାକୁ ତାଙ୍କର ବଳଦି ହୋଇଥିବା ବେଳେ ସେ କାର୍ଯ୍ୟରେ ଯୋଗଦାନ ମଧ କରିଛନ୍ତି । ତେବେ ଏହି ବଦଳି ପଛର ରହସ୍ୟ କ'ଣ ତାହା ନା ନା ସନ୍ଦେହ ସୃଷ୍ଟି କରୁଛି । ଏମିତି ତ ଏହି ଜିଲାକୁ କୌଣସି ଡାକ୍ତର କିମ୍ବା ଅଫିସ୍‌ର ଆସିବା ପାଇଁ ମଙ୍ଗୁନାହାଁନ୍ତି । ଆଉ ଯିଏ ଆସୁଛନ୍ତି ତାଙ୍କୁ ହଇରାଣ ହରକତ କରି ରଖେଇ ଦିଆଯାଉନାହିଁ । ସିଡିଏମ୍‌ଓ ପଦବୀ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଆଉ ୪ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ରହିଛି । ସେଗୁଡିକ ହେଲା ୩ଟି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଗୋଟିଏ ଜିଲା ମ୍ୟାଲେରିଆ ଅଧିକାରୀ ପଦବୀ । ୩ଟି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ମଧ୍ୟରୁ ପରିବାର କଲ୍ୟାଣ ଓ ମେଡିକାଲ ଦାୟିତ୍ୱରେ ଥିବା ୨ଟି ପଦବୀ ଖାଲିପଡିଛି । ଜନସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୁକ୍ତା ସାହୁ ନିଜର ମୂଳ ପଦବୀ ସହ ପରିବାର କଲ୍ୟାଣ ଦାୟିତ୍ୱରେ ରହିଛନ୍ତି । ଆଉ ଅସ୍ତ୍ରୋପ୍ରଚାର ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତର ଶକ୍ତି ମହାନ୍ତିଙ୍କୁ ମେଡିକାଲ ବିଭାଗର ଦାୟିତ୍ୱ ଦିଆଯାଇଛି । ଜଣେ ଜଣେ ଅଧିକାରୀ ଏକାଧିକ ଦାୟିତ୍ୱରେ ରହି କିଭଳି ନିଜ କାର୍ଯ୍ୟ ତୁଲାଉଥିବେ ତାହା ସ୍ପଷ୍ଟ ଅନୁମେୟ । ହେଲେ ଏଥିପ୍ରତି ନା ସରକାର ନା ରାଜନୈତିକ ନେତା କାହାରି ନିଘାନାହିଁ ।